# ଓଡିଶା ସରକାର

## ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,

## ଅଧିସୂଚନା

ପତ୍ର ସଂ......୨୨...... ତା. 15/03/2022

XV : ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଗଂଜାମ ଜିଲ୍ଲାରେ ଅର୍ଥାତ୍ ରତ୍ନପୁର ଠାରୁ ହଳଦିଆପଦର ପର୍ଯ୍ୟନ୍ତ ରିଙ୍ଗ୍ ରୋଡ୍ ନିର୍ମାଣ ନିମନ୍ତେ ମୌଜା- ରତ୍ନପୁର, ଆଙ୍କୁଶପୁର, ଦକ୍ଷିଣପୁର, ଗୁଣ୍ଡବନ୍ଧ, ଚନ୍ଦନିଆ ପାହାଡ, ଲଙ୍ଗଳଦେଇ, ମାଟିଆପଲ୍ଲୀ, ମହୁଡା, କୁମାରପୁର, କୁସୁମି, ମନହରା ଓ ମଦନମୋହନପୁର, ତହସିଲ- କୁକୁଡାଖଣ୍ଡି ଠାରେ ନିମ୍ନ ତଫସିଲ ମତେ ପ୍ରାୟ ଏ୧୦୮.୧୩୧ ଭୂମି ଅଧିଗ୍ରହଣ / ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଆଇନ - ୨୦୧୩ (RFCTLAR&R) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଆଇନ - ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସଂପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଆଇନ - ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରିଙ୍ଗରୋଡ ପ୍ରକଳ୍ପ, ତହସିଲଦାର, କୁକୁଡାଖଣ୍ଡିଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** - ରତ୍ନପୁର ଠାରୁ ହଳଦିଆପଦର ପର୍ଯ୍ୟନ୍ତ ରିଙ୍ଗ୍ ରୋଡ୍ ନିର୍ମାଣ ନିମନ୍ତେ

**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି) ବିଭାଗ ନଂ-୧, ବ୍ରହ୍ମପୁର, ଗଞ୍ଜାମ

**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ** – ଏହି ପ୍ରକଳ୍ପ ପାଇଁ କେହି ବିସ୍ଥାପିତ ହେଉନାହାନ୍ତି ।

Scanned by CamScanner

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. - SIA-767/NCDS, Dtd. 24.09.2021 ଦ୍ରଷ୍ଟବ୍ୟ

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଏହି ପ୍ରକଳ୍ପ ପାଇଁ କେହି ବିସ୍ଥାପିତ ହେଉନଥିବାରୁ ଏହାର ଆବଶ୍ୟକତା ନାହିଁ ।

୬. ଜମିର ବିବରଣୀ –

| କ୍ରମିକ ନଂ | ତହସିଲ | ଗ୍ରାମର ନାମ | ଗ୍ରାମାଂଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିକୃତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | କୁକୁଡାଖଣ୍ଡି | ରତ୍ନପୁର | ଗ୍ରାମାଂଚଳ | ଏଥି ସହିତ ସଂଲଗ୍ନ ଅଛି | | | ୧.୧୫୩ | ଏଥି ସହିତ ସଂଲଗ୍ନ ଅଛି |
| ୨ | କୁକୁଡାଖଣ୍ଡି | ଆଙ୍କୁଶପୁର | ଗ୍ରାମାଂଚଳ | | | | ୬.୪୦୦ | |
| ୩ | କୁକୁଡାଖଣ୍ଡି | ଦକ୍ଷିଣପୁର | ଗ୍ରାମାଂଚଳ | | | | ୧୦.୭୭୦ | |
| ୪ | କୁକୁଡାଖଣ୍ଡି | ଗୁଣ୍ଡବନ୍ଧ | ଗ୍ରାମାଂଚଳ | | | | ୨୧.୩୬୪ | |
| ୫ | କୁକୁଡାଖଣ୍ଡି | ଚନ୍ଦନିଆ ପାହାଡ | ଗ୍ରାମାଂଚଳ | | | | ୪.୪୦୫ | |
| ୬ | କୁକୁଡାଖଣ୍ଡି | ଲଙ୍ଗଳଦେଇ | ଗ୍ରାମାଂଚଳ | | | | ୮.୧୮୫ | |
| ୭ | କୁକୁଡାଖଣ୍ଡି | ମାଟିଆପଲ୍ଲୀ | ଗ୍ରାମାଂଚଳ | | | | ୧୦.୩୭୮ | |
| ୮ | କୁକୁଡାଖଣ୍ଡି | ମହୁଡା | ଗ୍ରାମାଂଚଳ | | | | ୨୫.୧୩୩ | |
| ୯ | କୁକୁଡାଖଣ୍ଡି | କୁମାରପୁର | ଗ୍ରାମାଂଚଳ | | | | ୫.୬୦୦ | |
| ୧୦ | କୁକୁଡାଖଣ୍ଡି | କୁସୁମି | ଗ୍ରାମାଂଚଳ | | | | ୧.୨୭୩ | |
| ୧୧ | କୁକୁଡାଖଣ୍ଡି | ମନହରା | ଗ୍ରାମାଂଚଳ | | | | ୧.୩୪୧ | |
| ୧୨ | କୁକୁଡାଖଣ୍ଡି | ମଦନମୋହନପୁର | ଗ୍ରାମାଂଚଳ | | | | ୧୨.୧୨୯ | |
| | | | | | | ମୋଟ | ୧୦୮.୧୩୧ | |

ଭୂମି ଅନୁସୂଚୀର ନକଲ ଏଥିସହିତ ସଂଲଗ୍ନ କରାଯାଇଛି ।

ଉକ୍ତ ଜମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରିଙ୍ଗରୋଡ ପ୍ରକଳ୍ପ, ତହସିଲଦାର, କୁକୁଡାଖଣ୍ଡିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଗଂଜାମ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

ଜିଲ୍ଲାପାଳ, ଗଂଜାମ

କ୍ରମଶଃ.............

Scanned by CamScanner